## ଆଜି କ'ଣ କେଉଁଠି

ରାଇକିଆ
- ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ଶିବିର। ସ୍ଥାନ- ବ୍ଲକ କାର୍ଯ୍ୟାଳୟ ପରିସର, ସମୟ- ପୂର୍ବାହ୍ନ ୧୦ଟା। କ. ନୂଆଗାଁମା' ବରାଳଦେବୀ ୨ୟ ବାର୍ଷିକୀ ଫୁଟବଲ ପ୍ରତିଯୋଗିତା। ସ୍ଥାନ- ଶ୍ରୀରାମ ପଲ୍ଲୀ ଖେଳପଡିଆ, ସମୟ- ଅପରାହ୍ନ ୧ଟା।

ଫୁଲବାଣୀ
- ପରିବର୍ତ୍ତନ ମେଳା। ସ୍ଥାନ- ଫୁଲବାଣୀ ବ୍ଲକ ଦୁତ୍ତୁକି,ଫିରିଙ୍ଗିଆ ବ୍ଲକ ସଲାଗୁଡା, ସମୟ-୧୦ଟା।

ଭଞ୍ଜନଗର
- ଗ୍ରିଟ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ। ସ୍ଥାନ- ଗ୍ରିଟ କାର୍ଯ୍ୟାଳୟ, ସମୟ- ପୂର୍ବାହ୍ନ ୧୧ ଟା
- ଦାରିଙ୍ଗବାଡି ପରିବର୍ତ୍ତନ କାର୍ଯ୍ୟକ୍ରମ। ଗଦାପୁର, ସମୟ -ପୂର୍ବାହ୍ନ ୧୦ଟା

## ସଂକ୍ଷେପରେ

### ବ୍ରହ୍ମପୁର ପୋଲିସକୁ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

ବ୍ରହ୍ମପୁର ଅଫିସ,୧୯।୧୦- ବ୍ରହ୍ମପୁର ପୋଲିସର କାର୍ଯ୍ୟକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ବଡ଼ ଡାକ୍ତରଖାନାକୁ ଦଲାଲମୁକ୍ତ କରିବା ପାଇଁ ବ୍ରହ୍ମପୁର ପୋଲିସ ଅଭିନବ ଉପାୟ ଅବଲମ୍ବନ କରିଛି। ଏହାଦ୍ୱାରା ଦକ୍ଷିଣ ଓଡ଼ିଶାର ଏକମାତ୍ର ଭରସାଯୋଗ୍ୟ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ଆସୁଥିବା ରୋଗୀମାନେ ଉଚିତ ସେବା ପାଇବା ସହିତ ହଇରାଣ ହରକତ ହେବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ମଙ୍ଗଳବାର ବ୍ରହ୍ମପୁର ଏସ୍‌ପି ଡା.ଶ୍ରବଣା ବିବେକ ଏମ୍.ଙ୍କ ନେତୃତ୍ୱରେ ଏକ ୧୫ଜଣିଆ ଟିମ୍ ରୋଗୀ ବେଶରେ ବଡ଼ ଡାକ୍ତରଖାନାରେ ଚଢ଼ାଉ କରିଥିଲେ। ପୋଲିସ ଟିମ୍ ବିଭିନ୍ନ ୱାର୍ଡରୁ ମୋଟ ୬ ଜଣ ଦଲାଲଙ୍କୁ ଠାବ କରିଥିଲା। ଏହି ଦଲାଲମାନେ ଗରିବ ରୋଗୀଙ୍କୁ କ୍ଲିନିକ୍ ଓ ଡାଇଗ୍ନୋଷ୍ଟିକ ସେଣ୍ଟରକୁ ନେବାକୁ ବାଧ କରୁଥିଲେ। ପୋଲିସ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

### ସାଇବର ଅପରାଧ ମୁକାବିଲା ପାଇଁ ପ୍ରଶିକ୍ଷଣ

**ଏସ୍‌ପିଙ୍କ ଅପରାଧ ସମୀକ୍ଷା**

ବ୍ରହ୍ମପୁର ଅଫିସ,୧୯।୧୦: ବ୍ରହ୍ମପୁର ଏସ୍‌ପି. ଡ. ଶ୍ରବଣା ବିବେକ ଏମଙ୍କ ଅଧକ୍ଷତାରେ ବୁଧବାର ଏକ ଅପରାଧ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ବୈଠକରେ ଏସ୍‌ପି ବିଭିନ୍ନ ଥାନାରେ ବହୁଦିନ ଧରି ପଡ଼ି ରହିଥିବା ମାମଲାଗୁଡିକର ସମୀକ୍ଷା କରିଥିଲେ। ଏହାର ତଦନ୍ତ କରିବା ପାଇଁ ସେ ଥାନାଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏଥିରେ ଆନ୍ଧ୍ରପ୍ରଦେଶର ହାଇଦ୍ରାବାଦରୁ ଆସିଥିବା ସାଇବର ପ୍ରଶିକ୍ଷକ ଦେବେନ୍ଦ୍ର ରେଡ୍ଡୀ ପ୍ରଶିକ୍ଷଣ ଦେଇଥିଲେ। ସାଇବର ଅପରାଧୀଙ୍କୁ କିଭଳି ଭାବେ ଟ୍ରାକ କରାଯାଇ ପାରିବ ସେ ଦିଗରେ କେତେକ ସୂଚନା ମଧ ସେ ଦେଇଥିଲେ। ସେହିଭଳି ଲୋକମାନଙ୍କୁ ଏଦିଗରେ କିପରି ସଚେତନ କରାଯାଇପାରିବ ସେନେଇ ମଧ ପରାମର୍ଶ ଦେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧରେ ସମସ୍ତ ବରିଷ୍ଠ ପୋଲିସ ଅଧିକାରୀ ଓ ସମସ୍ତ ଥାନାଧିକାରୀ ଅଂଶଗ୍ରହଣ କରିଥିଲେ।

# ୪ ଅଭିଯୁକ୍ତଙ୍କୁ ୨୦ ବର୍ଷ ଲେଖାଏ ଜେଲ



ଗିରଫ ଅଭିଯୁକ୍ତ ।

**ଯୁବତୀଙ୍କୁ ଗଣବଳାତ୍କାର ମାମଲା**

■ପୀଡ଼ିତାଙ୍କୁ ୫ଲକ୍ଷର ଆର୍ଥିକ ସହାୟତା ପାଇଁ ଡିଏଲ୍‌ଏସ୍‌ଏଙ୍କୁ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ,୧୯।୧୦

ଗଞ୍ଜାମ ଜିଲା ସ୍ୱତନ୍ତ୍ର ଫାଷ୍ଟଟ୍ରାକ୍ ପୋକ୍‌ସୋ କୋର୍ଟ ଜଜ୍ ଗଣେଶ୍ୱର ପତି ବୁଧବାର ଜଣେ ଯୁବତୀଙ୍କୁ ହୋଇଥିବା ଗଣ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ପ୍ରମାଣ ମିଳିବାରୁ ସେ ୪ ଅଭିଯୁକ୍ତଙ୍କୁ ପ୍ରତ୍ୟେକ ୨୦ ବର୍ଷ ଲେଖାଏ ଜେଲଦଣ୍ଡରେ ଦଣ୍ଡିତ ପାଇଁ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତମାନେ ହେଲେ ତାରସିଂ ଥାନା ଅନ୍ତର୍ଗତ ବୁରାପଲିର କାଳୁ ନାଇକ(୨୮), ଗେରେଡ଼ା ଗ୍ରାମର ରବି ନାଇକ(୩୦), ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ଲଣ୍ଡେଇନରି ଗ୍ରାମର ବାବୁ ବେହେରା(୩୦) ଓ ତାମନଡ଼ା ଗ୍ରାମର ଗୌରା ନାଇକ(୨୮)। ଏହା ସହିତ ପ୍ରତ୍ୟେକଙ୍କୁ ୩୦ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ପ୍ରତ୍ୟେକ ଅତିରିକ୍ତ ୩ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ମଧ ନିର୍ଦ୍ଦେଶ ରହିଛି। ସେହିପରି ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବା ପାଇଁ ଜଜ୍ ଜିଲା ଆଇନ ସେବା ପ୍ରାଧିକରଣ ସଚିବ(ଡିଏଲ୍‌ଏସ୍‌ଏ)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ୨୦୧୮ ମାର୍ଚ୍ଚ ୧୬ରେ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳର ଜଣେ ନାବାଳିକା ନିକଟସ୍ଥ ଏକ କାଜୁ ଜଙ୍ଗଲକୁ ଯାଇଥିଲେ। ସେଠାରେ ସେ କାମ କରୁଥିବା ବେଳେ ପ୍ରଥମେ କାଳୁ ସେଠାରେ ପହଞ୍ଚି ତାଙ୍କୁ ଏକ ଘଞ୍ଚ ଜାଗାକୁ ନେଇ ଯାଇଥିଲେ। ସେଠାରେ ସେ ତାଙ୍କୁ ବଳାତ୍କାର କରିଥିଲେ। ପରେ ସେ ତାଙ୍କର ଅନ୍ୟ ୩ ଜଣ ସାଙ୍ଗଙ୍କୁ ଫୋନ କରି ସେଠାକୁ ଡାକିଥିଲେ। ପରେ କାଳୁ ଓ ତାଙ୍କର ସାଙ୍ଗମାନେ ମିଶି ଗଣ ବଳାତ୍କାର କରିଥିଲେ। ସେଠାରେ ଯୁବତୀ ଜଣଙ୍କ ଅଚେତ ହୋଇପଡିଥିବା ବେଳେ ସେମାନେ ତାଙ୍କୁ ସେଠାରେ ଛାଡ଼ି ଚାଲି ଯାଇଥିଲେ। ପରେ ଘର ଲୋକ ତାଙ୍କୁ ଖୋଜାଖୋଜି କରି ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ପରେ ପୀଡ଼ିତାଙ୍କ ପରିବାର ଲୋକ ଏନେଇ ଜଗନ୍ନାଥପ୍ରସାଦ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୪୩/୧୮ରେ ଏକ ବଳାତ୍କାର ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରିଥିଲା। କାଳୁ, ରବି, ବାବୁ ଓ ଗୌରାଙ୍କୁ ୨୦୧୮ ମାର୍ଚ୍ଚ ୧୮ରେ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଜଗନ୍ନାଥପ୍ରସାଦ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ୧୪ ଜଣ ସାକ୍ଷୀଙ୍କ ବୟାନ ଓ ପୋଲିସ ପକ୍ଷରୁ କୋର୍ଟରେ ଦାଖଲ ହୋଇଥିବା ଚାର୍ଜଶିଟକୁ ଭିତ୍ତିକରି ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ୍ ଅଭିଯୁକ୍ତଙ୍କ ବିରୋଧରେ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପିପି ମୋହନା ସିଙ୍ଗାରି ଉକ୍ତ ମାମଲାର ପରିଚାଳନା କରିଥିଲେ।

## ପରେଡ ଲାଗି ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ବାରିପଦା ଗସ୍ତ




ରାଜ୍ୟସ୍ତରୀୟ ପରେଡରେ ଯୋଗଦେବା ପାଇଁ ମନୋନୀତ ସ୍ୱେଚ୍ଛାସେବୀ ।

ବ୍ରହ୍ମପୁର ଅଫିସ,୧୯।୧୦

ଅକ୍ଟୋବର ୨୧ ଓ ୨୨ ଦୁଇ ଦିନ ଧରି ବାରିପଦା ସ୍ଥିତ ଏମ୍‌ପିସି ବିଶ୍ୱବିଦ୍ୟାଳୟରେ ରାଜ୍ୟସ୍ତରୀୟ ଗଣତନ୍ତ୍ର ଦିବସ ପରେଡ ଅନୁଷ୍ଠିତ ହେବ। ଏଥିନିମନ୍ତେ ବୁଧବାର ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏନ୍‌ଏସ୍‌ଏସ୍ ପକ୍ଷରୁ ଯୋଜନା ଅଧିକାରୀ ଶକ୍ତି ରଞ୍ଜନ ଦାଶଙ୍କ ନେତୃତ୍ୱରେ ୩୬ ଜଣ ସ୍ୱେଚ୍ଛାସେବୀ ବାରପଦା ଯାତ୍ରା କରିଛନ୍ତି।

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

ସୂଚନାଯୋଗ୍ୟ, ଏହି ଶିବିର ନିମନ୍ତେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ପକ୍ଷରୁ ଏକ ପରେଡ଼ ଆୟୋଜିତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟ ଓ ଏହାସହ ଅନୁବନ୍ଧିତ ବିଭିନ୍ନ ମହାବିଦ୍ୟାଳୟର ୭୦ ସ୍ୱେଚ୍ଛାସେବୀ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩୬ ଜଣ ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ରାଜ୍ୟ ସ୍ତରୀୟ ପରେଡ଼ ନିମନ୍ତେ ମନୋନୀତ କରାଯାଇଥିଲା। ଗସ୍ତ ପୂର୍ବରୁ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, କୁଳସଚିବ ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଓ ସ୍ନାତକୋତ୍ତର ବିଭାଗ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଶୁଭେଚ୍ଛା ଜଣାଇଛନ୍ତି। ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ଜୟନ୍ତ କୁମାର ପଣ୍ଡା ଓ ଜିଲା ଯୋଜନା ଅଧିକାରୀ ସୁଦାମ ଚରଣ ବିଷୋୟୀ ମଧ ଉପସ୍ଥିତ ଥିଲେ।

## ଜିଲାରେ ଏବେ ୧୩୩ ଡେଙ୍ଗୁ ପଜିଟିଭ

**୫ ଦିନରେ ୩ ଶିଶୁ ସମେତ ୧୪ ଆକ୍ରାନ୍ତ**

ବ୍ରହ୍ମପୁର ଅଫିସ,୧୯।୧୦

ଗଞ୍ଜାମ ଜିଲାରେ ଡେଙ୍ଗୁ ସ୍ଥିତି ଏବେ ଦିନକୁ ଦିନ ସାଙ୍ଘାତିକ ହେବାରେ ଲାଗିଛି। ୨୦୨୦ରେ ଜିଲାରେ କେବଳ ୯ ଜଣ ଡେଙ୍ଗୁ ରୋଗୀ ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ଏଯାବତ ୧୩୩ ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଗତ ୫ଦିନରେ ୩ଶିଶୁଙ୍କ ସମେତ ୧୪ ଜଣ ଡେଙ୍ଗୁରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଦିଗପହଣ୍ଡି ବ୍ଲକ ଓ ପାତ୍ରପୁର ବ୍ଲକର ଜଣେ ଲେଖାଏ ଶିଶୁ ଆକ୍ରାନ୍ତ ହୋଇଥିବା ବେଳେ ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ଗୋପାଳପୁରର ଜଣେ ୫ ବର୍ଷର ଶିଶୁ ଆନ୍ଧ୍ରପ୍ରଦେଶରୁ ଆକ୍ରାନ୍ତ ହୋଇ ନିଜ ବାପା ମା'ଙ୍କ ସହ ଘରକୁ ଆସିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ପାତ୍ରପୁର ବ୍ଲକରେ ୨୫ ଜଣ ଆକ୍ରାନ୍ତ ହୋଇଥିବା ଜଣାପଡିଛି। ଡେଙ୍ଗୁ ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ଠିକ୍ ରହିଥିବା ନେଇ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଏନ୍‌ସିସି ସ୍ପେଶାଲ ଏଣ୍ଟ୍ରି ପରୀକ୍ଷାରେ ସାମନ୍ତରାୟ ଏକାଡେମୀର ସଫଳତା

ବ୍ରହ୍ମପୁର ଅଫିସ,୧୯।୧୦

ସାମନ୍ତରାୟ ଏକାଡେମୀ ଛାତ୍ର ତଥା ଲୋଚାପଡା ରାମକୃଷ୍ଣ ନଗର ନିବାସୀ ସୁଧୀର କୁମାର ସାହୁ ଓ ଅନସୂୟା ଦେବୀଙ୍କ ପୁତ୍ର ସୁଦୀପ କୁମାର ସାହୁ ଏନ୍‌ସିସି ସ୍ପେଶାଲ ଏଣ୍ଟ୍ରି ପରୀକ୍ଷାରେ ୪୩ତମ ସ୍ଥାନ ହାସଲ କରି ଚେନ୍ନାଇସ୍ଥିତ ଅଫିସର ଟ୍ରେନିଂ ଏକାଡେମୀ(ଓଟିଏ)କୁ ମନୋନୀତ ହୋଇଛନ୍ତି। ଆସନ୍ତା ୨୨ ତାରିଖରେ ସୁଦୀପ ଓଟିଏ ଏକାଡେମୀକୁ ଯିବେ। ସେଠାରେ ସେ ୪୯ ସପ୍ତାହ ପ୍ରଶିକ୍ଷଣ ନେବା ପରେ ସୈନ୍ୟବାହିନୀରେ ଲ୍ୟୁଟନାଣ୍ଟ ଭାବେ ନିଯୁକ୍ତି ପାଇବେ। ଜୁଲାଇ ୧୭ରୁ ୨୨ ତାରିଖ ଯାଏ ସର୍ଭିସ ସିଲେକଶନ ବୋର୍ଡ (ଏସ୍‌ଏସ୍‌ବି) ଦ୍ୱାରା ଏନ୍‌ସିସି ସ୍ପେଶାଲ ଏଣ୍ଟ୍ରି ପରୀକ୍ଷା ଅନୁଷ୍ଠିତ




ସାମନ୍ତରାୟ ଏକାଡେମୀ ପକ୍ଷରୁ ଛାତ୍ରଙ୍କୁ ସମ୍ବର୍ଦ୍ଧନା।

ହୋଇଥିଲେ। ବିଶେଷ କରି ଏନ୍‌ସିସି ଏ, ବି, ସି ସାର୍ଟିଫିକେଟ ପାଇଥିବା ଛାତ୍ରୀଛାତ୍ରମାନେ ଏହି ପରୀକ୍ଷା ପାଇଁ ସୁଯୋଗ ପାଇଥାନ୍ତି। ସୁଦୀପ ଏନ୍‌ସିସି (ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ) ସି' ସାର୍ଟିଫିକେଟରେ ଏ' ଗ୍ରେଡ୍ ପାଇଥିଲେ। ସୁଦୀପ ସାମନ୍ତରାଏ ଏକାଡେମୀରେ ଯୁକ୍ତ୨ ବିଜ୍ଞାନ ଛାତ୍ର ଥିଲେ। ଏ ନେଇ ଦେବେଶ ସାମନ୍ତରାୟ କହିଛନ୍ତି, ସଫଳତା ଯୁବ ପିଢି ପାଇଁ ଏକ ପ୍ରେରଣା।

## ପୋଖରୀରେ ବୁଡି ବୃଦ୍ଧଙ୍କ ମୃତ୍ୟୁ

କୁକୁଡାଖଣ୍ଡି,୧୯।୧୦

କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ବନ୍ଥପଲ୍ଲୀ ପଞ୍ଚାୟତ ଚାଞ୍ଚଡାପଲ୍ଲୀ ଗ୍ରାମରେ ମଙ୍ଗଳବାର ରାମାୟଣ ନାଟକ ଲାଗିଥିବା ବେଳେ ପୋଖରୀରେ ବୁଡି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ବୃଦ୍ଧ ଜଣକ ଚାଞ୍ଚଡାପଲ୍ଲୀ ଅଞ୍ଚଳର କାମା ଗୌଡ଼(୬୨)। ରାତିରେ ପୋଖରୀକୁ ଯାଇଥିବା ବେଳେ କୌଣସି କାରଣବଶତଃ ପାଣିରେ ବୁଡି ଯାଇଥିଲେ। ଫଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଦିଗପହଣ୍ଡି ଥାନା ଏସ୍‌ଆଇ ମାଧବ ଚନ୍ଦ୍ର ଟାକରି ଏବଂ ଟିମ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଥିଲେ। ବୃଦ୍ଧ ଜଣକ କିଛି ଦିନ ଧରି ବାହାରେ ରହୁଥିଲେ। ଗାଁରେ ଯାତ୍ରା ହେବା ଖବର ଶୁଣି ଗାଁକୁ ଫେରିଥିବା ଗାଁ ଲୋକଙ୍କ ଠାରୁ ସୂଚନା ମିଳିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

bmpselfie@gmail.com



@ ସୌମ୍ୟ



@ ପୁନିତା



@ ଆୟୁଷ



@ ଚନ୍ଦନ



@ ସୁକାନ୍ତ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଜିଲା ଚିତ୍ରାଳୟ ମାଲିକ ସଂଘ ବୈଠକ



ବୈଠକରେ ଉପସ୍ଥିତ ସଂଘର ସଦସ୍ୟ ବୃନ୍ଦ।

ବ୍ରହ୍ମପୁର ଅଫିସ,୧୯।୧୦

ଓଡ଼ିଶା ଚିତ୍ରାଳୟ ମାଲିକ ସଂଘ ଗଞ୍ଜାମ ଜିଲା ଶାଖା ସାଂଗଠନିକ ବୈଠକ ବୁଧବାର ଉତ୍କଳ ଆଶ୍ରମ ସଭାଗୃହ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଦିଲୀପ କୁମାର ସାମନ୍ତରାୟ ଅଧକ୍ଷତା କରିଥିଲେ। କରୋନା କାରଣରୁ ଦୀର୍ଘ ୨ ବର୍ଷ ପରେ ଚିତ୍ରାଳୟ ମାଲିକମାନେ ଚଳିତ ବର୍ଷ ଦଣ୍ଡନାଚ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମ ମାଧମରେ ବ୍ୟବସାୟ ଆରମ୍ଭ କରିଛନ୍ତି। କିନ୍ତୁ ରାଜ୍ୟ ସରକାର ଚିତ୍ରାଳୟ ମାଲିକଙ୍କ ପ୍ରତି ସମ୍ବେଦନଶୀଳ ହେବା ପାଇଁ ବୈଠକରେ ପ୍ରକାଶ ପାଇଥିଲା। ବୈଠକରେ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ ଅତିଥି ଭାବେ ଯୋଗଦେଇ ଚିତ୍ରାଳୟ ସଂସ୍ଥାର ରୁଗ୍ଣ ଚିତ୍ର ଉପସ୍ଥାପନ କରିବା ସହ ସରକାରଙ୍କ ସହାୟତା ଆବଶ୍ୟକତାକୁ ନେଇ କହିଥିଲେ। ଅନ୍ୟମାନଙ୍କ ମଧରେ ଉପସଭାପତି ଧ୍ରୁବ କୁମାର ପ୍ରଧାନ ଓ ସଦସ୍ୟ ଗୀତା ସ୍ୱାଇଁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

## ହଟ୍ଟଗୋଳରେ ସରିଲା ଏନ୍‌ଏସି ବୈଠକ

**ଅଧାରୁ ଚାଲିଗଲେ ଅଧକ୍ଷା**

ଜି.ଉଦୟଗିରି, ୧୯।୧୦

କନ୍ଧମାଳ ଜିଲା ଜି.ଉଦୟଗିରି ଏନ୍‌ଏସିର ୫ମ ବୈଠକ ପ୍ରବଳ ହଟ୍ଟଗୋଳ ମଧରେ ବୁଧବାର ଶେଷ ହୋଇଛି। ପରିଷଦରେ କୌଣସି ବିଲ୍ ଗୃହୀତ ନ ହୋଇ ବୈଠକ ଅଧାରୁ ଅଧକ୍ଷା ଉଠି ଚାଲିଯାଇଥିଲେ। ଆରମ୍ଭରୁ ବିରୋଧୀ ୱାର୍ଡ ସଭ୍ୟ କହିଥିଲେ, ନିଷ୍ପତ୍ତିକୁ ଅଗ୍ରାଧିକାର ନ ଦେଇ ମନଇଚ୍ଛା କାର୍ଯ୍ୟକୁ ଗୃହୀତ କରାଯାଉଛି। ନିକଟରେ ରାଜ୍ୟ ସଭା ସଦସ୍ୟ ମୁନା ଖାଁ ଭଞ୍ଜ ମାର୍କେଟ ନିକଟରେ ଅବସ୍ଥିତ ବିଜ୍ଞାପନ ଫଳକରେ ଶାସକ ସଭ୍ୟଙ୍କ ବ୍ୟତୀତ ବିରୋଧୀ ୱାର୍ଡ ସଭ୍ୟଙ୍କୁ ଅଣଦେଖା କରିବା ଓ ସେଥିରେ ଶାସକ ୱାର୍ଡ ସଭ୍ୟ ରାଜନ କୁମାର ନାୟକଙ୍କ ନାମ ଭୁଲ ଲେଖା ଯିବା ନେଇ ହଟ୍ଟଗୋଳ ହୋଇଥିଲା।




ବୈଠକରେ ଉପସ୍ଥିତ ଏନ୍‌ଏସି ଅଧକ୍ଷା ଓ ଅନ୍ୟମାନେ ।

ଏନ୍‌ଏସି ବିଜେଡି କାର୍ଯ୍ୟାଳୟ କି ବୋଲି ସ୍ୱାଧୀନ ୱାର୍ଡ ସଭ୍ୟ ପି.ସଞ୍ଜୀବ କୁମାର ପାତ୍ର ଅଭିଯୋଗ କରିଥିଲେ। ସେ ଆହୁରି କହିଥିଲେ, ମୋ ୱାର୍ଡରେ ମାଟି ମୁଠାଏ ପଡ଼ି ନାହିଁ। ସରକାରୀ ଜାଗାର ସୁରକ୍ଷା ପ୍ରାଚୀର ନିର୍ମାଣରେ ୫ଲକ୍ଷ ଟଙ୍କା ବ୍ୟୟ କରାଯିବା ନେଇ ଅଭିଯୋଗ କରିଛନ୍ତି। ଆମ ବିନା ଅନୁମତିରେ ୱାର୍ଡରେ କାମ ହେଉଛି। ତେବେ ଆମେ ୱାର୍ଡ ସଭ୍ୟ କାହିଁକି ହେବୁ ବୋଲି ପାତ୍ର କହିଥିଲେ। ଏହାର ସମାଧାନ ନ ହେଲେ ଆଗାମୀ ଦିନରେ ଜିଲାପାଳଙ୍କ ଦ୍ୱାରସ୍ଥ ହେବା ସହ ଏନ୍‌ଏସିରେ ତାଲା ପକାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହାକୁ କୁନ୍ତିମା ପ୍ରଧାନ, ଲକ୍ଷ୍ମୀପ୍ରିୟା ପରିଚ୍ଛା ଓ ଜାକେଶ ପ୍ରଧାନ ପ୍ରମୁଖ ସମର୍ଥନ କରିଥିଲେ।

## ଅବ୍ୟବସ୍ଥାରେ ଅଙ୍ଗନୱାଡ଼ି କେନ୍ଦ୍ର

ବ୍ରହ୍ମପୁର ଅଫିସ,୧୯।୧୦

ବ୍ରହ୍ମପୁର ମହାନଗରରେ ଥିବା ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ର ସମସ୍ୟା ଘେରରେ ଚାଲିଛି । ଭଡ଼ାଘରେ ଚାଲିଥିବା କେତେକ କେନ୍ଦ୍ରରେ ଶିଶୁଙ୍କ ପ୍ରତି ବହୁ ବିପଦ ଥିବା ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବହୁବାର କେନ୍ଦ୍ର କର୍ମୀ ଓ ଅଭିଭାବକଙ୍କ ପକ୍ଷରୁ ଅଭିଯୋଗ ହୋଇ ଆସୁଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରୁ ନାହିଁ। ଅନ୍ୟପଟେ ଭଡ଼ାଘରେ ଚାଲୁଥିବ କେନ୍ଦ୍ରକୁ କରୋନା ପରଠାରୁ ପ୍ରାୟ ୨ବର୍ଷରୁ ଊର୍ଦ୍ଧ୍ୱ ହେବ ଟଙ୍କା ମିଳିନଥିବା ବହୁ କର୍ମୀ ଅଭିଯୋଗ କରିଛନ୍ତି। ବ୍ରହ୍ମପୁରରେ ୧୯୬ଟି ଅଙ୍ଗନୱାଡ଼ି କେନ୍ଦ୍ର ରହିଛି। ସେଥି ମଧ୍ୟରୁ ଅର୍ବାନ-୧ ଅଧୀନରେ ୧୦୬ ମଧ୍ୟରୁ ମାତ୍ର ୨୭ଟି

**୨ବର୍ଷରୁ ଊର୍ଦ୍ଧ୍ୱ ହେବ ମିଳିନି ଘରଭଡ଼ା ଟଙ୍କା**

ନିଜସ୍ୱ ଗୃହ ଓ ଅର୍ବାନ-୨ ଅଧୀନରେ ୯୦ଟି ମଧ୍ୟରୁ ୨୧ଟି ନିଜସ୍ୱ କେନ୍ଦ୍ର ରହିଛି। ଅର୍ବାନ-୧ର ୭୯ଟି ଏବଂ ଅର୍ବାନ-୨ର ୬୯ଟି କେନ୍ଦ୍ର ଭଡ଼ାଘରେ ଚାଲୁଛି। କେବଳ ଅର୍ବାନ-୧ରେ ୧୦ରୁ ଊର୍ଦ୍ଧ୍ୱ କେନ୍ଦ୍ର ରହିଛି।

ଅର୍ବାନ-୧ର ୱାର୍ଡ଼ ନମ୍ବର-୨୫ରେ ଥିବା ଅମ୍ବିକାନଗର-କେନାଲ ସାହି କେନ୍ଦ୍ରଟି ବିଦ୍ୟୁତ୍ ଟ୍ରାନ୍ସଫରର୍ମରକୁ ଲାଗି ରହିଥିବା ବେଳେ ଉପରୁ ବର୍ଷାପାଣି ଗଳୁଛି। ସେହିପରି ୱାର୍ଡ଼ ନମ୍ବର-୨୦ ଗାନ୍ଧୀନଗର -୯ ଲାଇନ ଶେଷରେ ଲଟାବୁଦା ଓ ଆବର୍ଜନା ମଧ୍ୟରେ ଥିବା କେନ୍ଦ୍ରରେ ମଧ ବର୍ଷାପାଣି ଛାତରୁ ଗଳୁଛି। ଏଠାରେ ସରିସୃପ ବୁଲୁଛନ୍ତି। ସେହପିରି ସହରାଞ୍ଚଳ ଅର୍ବାନ-୧ର ସିଡ଼ିପିଓ କ୍ରିଷ୍ଣା କୁମାରୀ ନନ୍ଦ କହିଛନ୍ତି, ମାତ୍ର ଦୁଇମାସ ହେବ ନୂତନ ଭାବେ ଆସିଛି କେନ୍ଦ୍ର ପରିଦର୍ଶନ କରି ଏହାର ସ୍ଥାୟୀ ସମାଧାନ କରିବି। ଅନ୍ୟପଟେ ୨୫ ନମ୍ବର ୱାର୍ଡ଼ ଅଙ୍ଗନୱାଡ଼ି କର୍ମୀ ସଙ୍ଗୀତା ବିଷୋୟୀ କହିଛନ୍ତି, ସରକାରଙ୍କଠାରୁ ପୂର୍ବରୁ ଉକ୍ତ କେନ୍ଦ୍ର ନିମନ୍ତେ ମାତ୍ର ୭୫୦ଟଙ୍କା ଘରଭଡ଼ା ଧାର୍ଯ୍ୟ କରାଯାଇଥିବା ବେଳେ ଦୁଇ ବର୍ଷରୁ ଊର୍ଦ୍ଧ୍ୱ ହେବ ଘରଭଡ଼ା ଟଙ୍କା ମିଳିନାହିଁ।

ଅନ୍ୟପଟେ ଏତେ କମ୍ ଟଙ୍କାରେ ଗୋଟିଏ ଭଡ଼ାଘର ମିଳିବା ମଧ ସମ୍ଭବ ହୋଇ ନ ଥିବାରୁ ବାଧ ହୋଇ ଏପରି ସ୍ଥାନରେ କେନ୍ଦ୍ର କରିବାକୁ ପଡୁଛି। ସ୍ଥାୟୀ କେନ୍ଦ୍ର ନିମନ୍ତେ ବାରମ୍ବାର ବହୁ ବର୍ଷ ହେବ ଅନୁରୋଧ କରିବା ସତ୍ତ୍ୱେ ଏହାର ସମାଧାନ ହୋଇପାରୁନାହିଁ। ଅର୍ବାନ-୨ରେ ମଧ ଭଡ଼ାଘରେ ଚାଲୁଥିବା ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ କରିବା ସହ ଶିଶୁଙ୍କ ସମସ୍ତ ସୁବିଧା ଯେପରି ଠିକ ଭାବେ ହେବକ ସେଥି ପ୍ରତି ସଜାଗ ରହିବା ଉପରେ ଧ୍ୟାନ ଦିଆଯିବ। ଚଳିତବର୍ଷ ମାର୍ଚ୍ଚ ପରଠାରୁ ଶୌଚାଳୟ ସମେତ ସମସ୍ତ ଆନୁସଙ୍ଗିକ ସୁବିଧା ଥିବା ଅଙ୍ଗନୱାଡ଼ି କେନ୍ଦ୍ରକୁ ୩୦୦୦ଟଙ୍କା ପର୍ଯ୍ୟନ୍ତ ଘରଭଡ଼ା ବାବଦରେ ମିଳିବା ନେଇ ସିଡ଼ିସି ପକ୍ଷରୁ ନିଷ୍ପତ୍ତି ହୋଇଥିବା ଲିଖିତ ଭାବେ ଜଣାପଡ଼ିଛି। କିନ୍ତୁ ଏଯାବତ ଘରଭଡ଼ା ଟଙ୍କା ଆସିନଥିବା ସିଡ଼ିପିଓ -୨ ଅବିଦା ପର୍ବିନ କହିଛନ୍ତି।

